بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୧ ଜାନୁଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ଜୁଲ୍-କରଦ୍ ଯୁଦ୍ଧ, ସରିୟା ହଜରତ ଅବାନ ବିନ୍ ସଈଦ ଯାହାକି ନଜଦ୍ ଅଭିମୁଖେ ଏବଂ ଖୈବର୍‌ର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ଜୁଲ୍-କରଦ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଯେପରିକି କୁହାଯାଇ ଥିଲା ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସ୍ୱୟଂ ଏହି ଯୁଦ୍ଧ ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ କିଛି ସାହାବାଙ୍କୁ ଶତ୍ରୁ ଆଡ଼କୁ ପ୍ରେରଣ କରିଥିଲେ । ସେଥିଅନ୍ତେ ହୁଜୁର[ସ.ଅ] ସ୍ୱୟଂ ଇସଲାମୀୟ ସେନାବାହିନୀ ସହିତ ପ୍ରସ୍ଥାନ କରିଥିଲେ । ଏହି ପ୍ରସଙ୍ଗରେ ଅଧିକ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ଶତ୍ରୁ ପୁଣ୍ୟଶ୍ଳୋକ ଓ ଇସଲାମୀୟ ସେନାକୁ ନିଜ ଆଡ଼କୁ ଆସୁଥିବାର ଦେଖିଲା ସେତେବେଳେ ସେମାନେ ସେଠାରୁ ପଳାୟନ କଲେ । ପୁନଶ୍ଚ ଯେତେବେଳେ ମୁସଲମାନ ସେନା ଯାଇ ଶତ୍ରୁର ଅବସ୍ଥାନ ସ୍ଥଳେ ପହଞ୍ଚିଲେ ସେଠାରେ ଅବୁ କତାଦାଃ [ର.ଅ]ଙ୍କ ଘୋଡ଼ା ଉପସ୍ଥିତ ଥିଲା ଯାହାର ପେଣ୍ଡା କାଟିଦିଆ ଯାଇଥିଲା, ଜଣେ ସାହାବି କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଅବୁ କତାଦାଃ [ର.ଅ]ଙ୍କ ଘୋଡ଼ାର ତ ପେଣ୍ଡା କାଟିଦିଆ ଯାଇଛି । ମହାଭାଗ ତାହା ନିକଟରେ ଛିଡ଼ା ହେଲେ ଏବଂ ଦୁଇଥର କହିଲେ; ତୁମର ମଙ୍ଗଳ ହେଉ ! ଯୁଦ୍ଧ (କ୍ଷେତ୍ର)ରେ ତୁମର କେତେଯେ ଶତ୍ରୁ ରହିଥାନ୍ତି । ସେଥିଅନ୍ତେ ପୁଣ୍ୟଶ୍ଳୋକ ଓ ସାହାବାମାନେ ଆଗକୁ ଅଗ୍ରସର ହେଲେ, ଏପରିକି ଆପଣ ସେହି ସ୍ଥଳେ ପହଞ୍ଚିଗଲେ ଯେଉଁଠାରେ ଅବୁ କତାଦାଃ ଓ ମସ୍‌ଅଦାଃ କୁସ୍ତି ଲଢ଼ିଥିଲେ (ଗତ ଖୁତ୍‌ବାରେ ଏଥି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା) ସେମାନେ ମଣିଲେ କି ସମ୍ଭବତଃ ଚଦରରେ ଗୁଡ଼େଇ ହୋଇ ପଡି ରହିଥିବା ବ୍ୟକ୍ତି ଅବୁ କତାଦାଃ ଅର୍ଥାତ ସେ ମୃତ୍ୟୁ ବରଣ କରିଛନ୍ତି । ଜଣେ ସାହାବି କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଏପରି ପ୍ରତୀତ ହେଉଛି ଅବୁ କତାଦାଃ ଶହିଦ୍ ହୋଇ ଯାଇଛନ୍ତି । ହୁଜୁର[ସ.ଅ] ଉତ୍ତର ଦେଲେ, ଅଲ୍ଲାଃତାଲା ଅବୁ କତାଦାଃ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେହି ପରମ ସତ୍ତାଙ୍କ ରାଣ ! ଯେ ମୋତେ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । **ଅବୁ କତାଦାଃ ତ ଶତ୍ରୁ ପଛରେ ରହିଛନ୍ତି ଏବଂ ସେ ରିଜଯ୍ (ଅଲ୍ଲାଃଙ୍କ ପ୍ରଶଂସା) ଗାନ କରୁଛନ୍ତି ।** ହଜରତ ଅବୁବକର୍ ଓ ହଜରତ ଉମର[ର.ଅ] ଚଞ୍ଚଳତାର ସହିତ ଆଗକୁ ବଢ଼ିଲେ ଏବଂ ଚଦର କାଢ଼ିବାରୁ ଜଣା ପଡିଲା ଯେ ତାହା ତ ମସ୍‌ଅଦାଃର ମର ଶରୀର । ସେ ଦୁହେଁ କହିଲେ; ଅଲ୍ଲାହୁ ଅକ୍‌ବର ! ଅଲ୍ଲାଃ ଓ ତାହାଙ୍କ ରସୁଲ ସତ୍ୟ କହିଛନ୍ତି । ତହୁଁ ସେମାନେ ଉଚ୍ଚ ସ୍ୱରରେ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଏ ତ ମସ୍‌ଅଦାଃ । ଏଥିରେ ସାହାବାମାନେ ମଧ୍ୟ ଉଚ୍ଚ ସ୍ୱରରେ ଶ୍ଳୋଗାନ ଦେଲେ । କିଛିକ୍ଷଣ ପରେ ହିଁ ହଜରତ ଅବୁ କତାଦାଃ[ର.ଅ] ଓଟମାନଙ୍କୁ ଘଉଡ଼ାଇ ଆଣି ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ।

ହୁଜୁର[ସ.ଅ] କହିଲେ; ଅବୁ କତାଦାଃ ତୁମେ କୃତକାର୍ଯ୍ୟ ହୋଇଗଲ । ଅବୁ କତାଦାଃ ଅଶ୍ୱାରୋହୀଙ୍କର ସରଦାର ଥିଲେ । ପୁନଶ୍ଚ ହୁଜୁର[ସ.ଅ] କହିଲେ; ହେ ଅବୁ କତାଦାଃ ! ଅଲ୍ଲାଃ ତୁମ ଉପରେ କୃପାବତୀର୍ଣ୍ଣ କରନ୍ତୁ । ଦ୍ୱିତୀୟ ବର୍ଣ୍ଣନାରେ ତୁମ ସନ୍ତାନ ସନ୍ତତିଙ୍କ ଉପରେ କୃପାବତୀର୍ଣ୍ଣ କରିବାର ଉଲ୍ଲେଖ ରହିଛି । ତା'ପରେ ହୁଜୁର[ସ.ଅ]

ପଚାରିଲେ ହେ ଅବୁ କତାଦାଃ ! ଏ ତୁମ ଚେହେରାରେ କ'ଣ ହୋଇଛି ? ସେ ଉତ୍ତର ଦେଲେ ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ମୋତେ ଏକ ତୀର ବାଜିଥିଲା । ସେ ପରମ ସତ୍ତାଙ୍କ ରାଣ ! ଯେ ଆପଣଙ୍କୁ ସମ୍ମାନିତ କରିଛନ୍ତି, ମୁଁ ଚିନ୍ତା କରୁଥିଲି କି ମୁଁ ତୀରଟିକୁ ବାହାର କରି ଦେଇଛି । ହୁଜୁର[ସ.ଅ] କହିଲେ; ମୋ ନିକଟକୁ ଆସ । ମୁଁ ଆପଣଙ୍କ ନିକଟକୁ ଗଲି ମହାଭାଗ ଧିରସ୍ଥିରେ ତୀରଟିକୁ ବାହାର କରିଦେଲେ ଏବଂ ନିଜ ପବିତ୍ର ଲାଳ ସେହି ସ୍ଥାନରେ ଲଗାଇ ଦେଲେ । ତା'ପରେ ନିଜ ହସ୍ତ ସେଥିରେ ରଖିଲେ । ସେ କୁହନ୍ତି; ସେହି ପରମ ସତ୍ତାଙ୍କ ରାଣ ! ଯେ ଆପଣଙ୍କୁ ଅବତାରତ୍ୱ ପ୍ରଦାନ କଲେ, ମୋତେ ଏପରି ପ୍ରତୀତ ହେଲା ଯେପରି ମୋତେ କୌଣସି ଆଘାତ ହିଁ ଲାଗି ନଥିଲା । ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହୁଜୁର[ସ.ଅ] ଯେତେବେଳେ ଅବୁ କତାଦାଃ [ର.ଅ]ଙ୍କୁ ଦେଖିଲେ ସେତେବେଳେ କହିଲେ; ହେ ଅଲ୍ଲାଃ ! ଏହାର କେଶ ଓ ଚର୍ମରେ ବରକତ୍ (କଲ୍ୟାଣ) ରଖିଦିଅ ଏବଂ ଆହୁରି କହିଲେ; ତୁମେ କୃତକାର୍ଯ୍ୟ ହୋଇଗଲ । ଆଉ ଯେତେବେଳେ ୭୦ବର୍ଷ ବୟସରେ ଅବୁ କତାଦାଃ [ର.ଅ]ଙ୍କର ଦେହାନ୍ତ ଘଟିଲା ସେତେବେଳେ ମଧ୍ୟ ସେ ୧୫ବର୍ଷିୟ ଯୁବକଙ୍କ ପରି ପ୍ରତୀତ ହେଉଥିଲେ ।

ହଜରତ ମୁହମ୍ମଦ[ସ.ଅ] ଜୁଲ୍-କରଦ୍ ଅଞ୍ଚଳରେ ପହଞ୍ଚିବା ପରିପ୍ରେକ୍ଷୀରେ ଉଲ୍ଲେଖ ରହିଛି ଯେ, ହଜରତ ସଲ୍‌ମା[ର.ଅ] କୁହନ୍ତି; ହୁଜୁର[ସ.ଅ] ସେଠାରେ ଇଶା ସମୟରେ ପହଞ୍ଚି ଥିଲେ ଏବଂ ସେଠାକାର ଏକ ନିର୍ଝର ନିକଟରେ ଅବସ୍ଥାନ କଲେ ଯେଉଁଠାରୁ ମୁଁ ଶତ୍ରୁକୁ ଦେଖିପାରୁ ଥିଲି । ଶତ୍ରୁ ଆମ ଓଟ ଓ ସେ ସମସ୍ତ ଜିନିଷ ଯାହା ଛଡ଼େଇ ନେଇଥିଲା ସେଗୁଡ଼ିକୁ ମହାଭାଗ ନିଜ ଅଧୀନ କରିନେଲେ । ହଜରତ ବିଲାଲ୍ ସେହି ଓଟଗୁଡ଼ିକ ମଧ୍ୟରୁ ଗୋଟିଏ ଓଟକୁ ଜେବହ୍ କଲେ ଏବଂ ପୁଣ୍ୟଶ୍ଳୋକଙ୍କ ସକାଶେ ତାହାର କଲିଜା ଓ କୁଜ (ମାଂସ)କୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ କଲେ । ହଜରତ ସଈଦ୍ ବିନ୍ ଉବାଦାଃ[ର.ଅ] ଦଶଟି ଓଟରେ ଖଜୁରୁ କୋଳି ଲଦି ପଠାଇଲେ, ଯାହାକି ହୁଜୁର [ସ.ଅ]ଙ୍କୁ ସେଠାରେ (ଅର୍ଥାତ ଜୁଲ୍-କରଦ୍‌ରେ) ପ୍ରାପ୍ତ ହୋଇଥିଲା । ହଜରତ ସଲ୍‌ମା[ର.ଅ] କୁହନ୍ତି; ମୁଁ କହିଲି ଯେ, ମୁଁ ଶତ୍ରୁକୁ ଜଳ ସଂଗ୍ରହ କରିବାକୁ ଅଟକାଇ ଥିଲି ଏବଂ ସେମାନେ ଶୋଶିଲା ଥିଲେ । ମହାଭାଗ ମୋତେ ୧୦୦ଜଣ ସୈନିକଙ୍କ ସହିତ ପ୍ରେରଣ କରନ୍ତୁ । ମୁଁ ତାଙ୍କ ପିଛା କରି ତାଙ୍କ ସମସ୍ତ ଗୁପ୍ତଚରଙ୍କୁ ନିହତ କରିଦେବି । ଏଥିରେ ହୁଜୁର[ସ.ଅ] ସ୍ମିତ ହାସ୍ୟ ପ୍ରକାଶ କଲେ, ଏପରିକି ଅଗ୍ନିର ଆଲୋକରେ ଆପଣ [ସ.ଅ]ଙ୍କ ପବିତ୍ର ଦାନ୍ତ ଦୃଶ୍ୟମାନ ହେଲା ଏବଂ ହୁଜୁର[ସ.ଅ] କହିଲେ; ହେ ସଲ୍‌ମା ! କ'ଣ ତୁମେ ଏପରି କରିପାରିବ ? ମୁଁ କହିଲି ଆପଣ [ସ.ଅ]ଙ୍କୁ ଗୌରବ ମଣ୍ଡିତ କରିଥିବା ସତ୍ତାଙ୍କ ରାଣ ! ଆଜ୍ଞା ହଁ (ମୁଁ ଏପରି କରିପାରିବି) । ହୁଜୁର[ସ.ଅ] ପୁନଶ୍ଚ କହିଲେ; ମଲକ୍‌ତା ଫସ୍‌ଜିହ୍ ଅର୍ଥାତ ତୁମେ ସେମାନଙ୍କୁ କାବୁ କରିନେଲେ, (ସେମାନଙ୍କ ସହିତ) ନମ୍ରତା ପ୍ରଦର୍ଶନ କରିବ । ଏହା ଆରବ ଦେଶର ଲୋକକଥା ମଧ୍ୟରୁ ଏକ ଲୋକକଥା ଥିଲା ଯେ, **ସର୍ବୋତ୍ତମ କ୍ଷମା ଏହିକି ଯେ, ନମ୍ର ଆଚରଣ କର ଓ କଠୋରତା ଅବଲମ୍ବନ କରନାହିଁ ।**

ଏହି ଯୁଦ୍ଧ ପାଇଁ ହୁଜୁର[ସ.ଅ] ବୁଧବାର ଦିନ ପ୍ରଭାତରେ (ମଦିନାରୁ) ପ୍ରସ୍ଥାନ କରିଥିଲେ ଏବଂ ଆପଣ ଗୋଟିଏ ଦିନ ଓ ଗୋଟିଏ ରାତ୍ରି ଯାତ୍ରା କରି ଜୁଲ୍-କରଦ୍ ଅଞ୍ଚଳରେ ପହଞ୍ଚି, ଅବସ୍ଥାନ କରିଥିଲେ । ଯଦ୍ୱାରା କି ଶତ୍ରୁର କୌଣସି ସୁରାଗ ମିଳି ପାରିବ । ସେଥିଅନ୍ତେ ସୋମବାରଦିନ ମଦିନା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ, ଏପରି ଆପଣ[ସ.ଅ] ୫ଦିନ ମଦିନା ବାହାରେ ରହିଥିଲେ । ଏବେ ଆଉ ଏକ ସରିୟାର ଚର୍ଚ୍ଚା କରିବି, ଉକ୍ତ ସରିୟା ହଜରତ ଅବାନ୍ ବିନ୍ ସଈଦ୍‌ଙ୍କ ଅଧ୍ୟକ୍ଷତାରେ ନଜଦ୍ ଅଭିମୁଖେ ହୋଇଥିଲା । ଏହି ସରିୟା ଜମାଦି ଉଲ୍ ସାନି ମାସ ୭ ହିଜ୍‌ରୀରେ ସଙ୍ଘଟିତ ହୋଇ ଥିବାର ବର୍ଣ୍ଣନା ରହିଛି । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ମଧ୍ୟ ଏହାକୁ ମୁହର୍‌ରମ ମାସ ୭ ହିଜ୍‌ରୀରେ ସଙ୍ଘଟିତ ହୋଇ ଥିବାର ଦର୍ଶାଇଛନ୍ତି । ଯାହାକି ଅଧିକ ସଠିକ୍ ଜ୍ଞାତ ହେଉଛି । ହଜରତ ଅବାନ୍ [ର.ଅ]ଙ୍କ ପିତା କୁରେଶ ମଧ୍ୟରୁ ଥିଲେ, ତାଙ୍କର ଭାଇ ଉମରୋ ଓ ଖାଲିଦ୍ ପୂର୍ବରୁ

ମୁସଲମାନ ହୋଇଯାଇ ଥିଲେ । ସେ ୧୩ ହିଜ୍‌ରୀରେ ଶହିଦ୍ ହୋଇଥିଲେ । କିନ୍ତୁ ଆଉ ଏକ ବର୍ଣ୍ଣନାନୁଯାୟୀ ସେ ୨୭ ହିଜ୍‌ରୀରେ ଅର୍ଥାତ ହଜରତ ଉସମାନ୍ ର.ଅଙ୍କ ଖିଲାଫତ୍ କାଳରେ ଦେହତ୍ୟାଗ କରିଥିବାର ଉଲ୍ଲେଖ ରହିଛି । ଏହି ସରିୟା ସଂକ୍ରାନ୍ତରେ ସହି ବୁଖାରୀରେ ଏହି ବର୍ଣ୍ଣନା ଉଲ୍ଲେଖ ରହିଛି, ଯେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ହଜରତ ଅବାନ୍ ର.ଅଙ୍କୁ ଏକ ସରିୟା ନିମନ୍ତେ ଅଧକ୍ଷ ନିଯୁକ୍ତ କରି ମଦିନାରୁ ନଜଦ୍ ଅଭିମୁଖେ ପ୍ରେରଣ କଲେ । ହଜରତ ଅବୁ ହୁରେରାଃର.ଅ ବର୍ଣ୍ଣନା କରନ୍ତି, ହୁଜୁରସ.ଅ ଖୈବର୍ ବିଜୟ କରିବା ପରେ ହଜରତ ଅବାନ୍ ଓ ତାଙ୍କର ସାଥୀମାନେ ଆସି ପହଞ୍ଚି ଥିଲେ ।

ଏଥିଅନ୍ତେ ଏକ ସୁପ୍ରସିଦ୍ଧ ଯୁଦ୍ଧ ସଂକ୍ରାନ୍ତରେ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି, ଯାହାକି ଖୈବର୍ ନାମରେ ଅଭିହିତ । ଖୈବର୍ ଏକ ପ୍ରଶସ୍ତ ସବୁଜ ଶ୍ୟାମଳ ଅଞ୍ଚଳ । ଯାହାକି ନିର୍ଝର ଓ ଅତ୍ୟଧିକ ଜଳମଗ୍ନ ଅଞ୍ଚଳ ଥିଲା ଏବଂ ଆରବ ଉପଦ୍ୱୀପରେ ଏହା ସର୍ବବୃହତ ଖଜୁରୀ ବଗିଚା ମଧ୍ୟରେ ପରିଗଣିତ ହୋଇଥାଏ । ଐତିହାସିକ ବର୍ଣ୍ଣନାନୁଯାୟୀ ହଜରତ ମୁସା ଅ.ସଙ୍କ କାଳରେ ଏଠାରେ ବନି ଇସ୍ରାଇଲ୍‌ର ଯହୁଦି ବସବାସ କରୁଥିଲେ, ଆଉ କିଛି ବର୍ଣ୍ଣନାରୁ ମଧ୍ୟ ଏହି ପରିଣାମ ଉଦ୍ଭୃତ ହେଉଛି ଯେ, ଖୈବର୍ ଅଞ୍ଚଳରେ ବହୁ ପୁରାତନ କାଳରୁ ବନି ଇସ୍ରାଇଲ୍ ସମ୍ପ୍ରଦାୟ ବଡ଼ ବଡ଼ ଦୁର୍ଗ ନିର୍ମାଣ କରି ବସବାସ କରୁଥିଲେ । **ଇବ୍ରାନୀ ଭାଷାରେ ଖୈବର୍ ଶବ୍ଦର ଅର୍ଥ ଦୁର୍ଗ ।** ଯହୁଦିମାନଙ୍କର କିଛି କବିଲା ମଦିନାରେ ମଧ୍ୟ ବସବାସ କରୁଥିଲେ, କିନ୍ତୁ ଖୈବର୍ ଅଞ୍ଚଳର ଯହୁଦିମାନଙ୍କୁ ଗୋଟିଏ କଥା ପୃଥକ କରୁଥିଲା ଯେ, ଏଠାକାର ଯହୁଦି ବାକି ସମସ୍ତ ଯହୁଦିମାନଙ୍କ ଠାରୁ ବୀରତା ଓ ଯୁଦ୍ଧ କୌଶଳରେ ବେଶ୍ ପ୍ରବୀଣ ଥିଲେ । ଅନ୍ୟ ଗୋଷ୍ଠୀ ତୁଳନାରେ ସେମାନଙ୍କ ମଧ୍ୟରେ ଏକତା ମଧ୍ୟ ବେଶ ଅଧିକ ରହିଥିଲା । ଯେଉଁଥିପାଇଁ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଆରବରେ ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଏକ ଅନନ୍ୟ ଗୋଷ୍ଠୀ ମଣା ଯାଉଥିଲା । ମଦିନାର ଯହୁଦି ହୁଅନ୍ତୁ ଅବା ଖୈବର୍‌ର ଯହୁଦି, ହଜରତ ମୁହମ୍ମଦସ.ଅ ଓ ଇସଲାମ୍ ସମ୍ବନ୍ଧରେ ସେମାନଙ୍କର ଷଡ଼ଯନ୍ତ୍ର ଓ କୂଟନୀତି ବିଦ୍ରୋହର ସୀମା ଟପି ଯାଇଥିଲା । ଈର୍ଷା ଓ ଶତ୍ରୁତାରେ ବହୁତ ଆଗକୁ ବଢ଼ି ଯାଇଥିବା ଏହି ଗୋଷ୍ଠୀ ଇସଲାମ୍ ଓ ପୁଣ୍ୟଶ୍ଳୋକ ସ.ଅଙ୍କ ଅସ୍ତିତ୍ୱକୁ ନିପାତ କରିବା ପାଇଁ ମଧ୍ୟ ନିଜର କୌଣସି ପ୍ରକାର ଉଦ୍ୟମ ବାକି ଛାଡ଼ି ନଥିଲେ । ମଦିନାରୁ ବହିଷ୍କୃତ ହେବା ପରେ ମଦିନାର ଯହୁଦିମାନଙ୍କର ଏକ ଦଳ ଖୈବର୍ ଅଞ୍ଚଳରେ ବସତି ସ୍ଥାପନ କରିଥିଲେ । କିନ୍ତୁ ଖୈବର୍ ଯାହାକି ପୂର୍ବରୁ ଏକ ବିରାଟ ଓ ଶକ୍ତିଶାଳୀ ଗୋଷ୍ଠୀ ଥିଲା, ଏବେ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ଭୟଙ୍କର ଗତିବିଧି ଓ ଷଡ଼ଯନ୍ତ୍ର କରିବାର ପୀଠସ୍ଥଳୀ ପାଲଟି ଯାଇଥିଲା । ତେବେ ଏହା ସେହି ପ୍ରମୁଖ କାରଣ ଥିଲା ଯେ, ନବୀଶ୍ରେଷ୍ଠ ଅଲ୍ଲାଃତାଲାଙ୍କ ଇଙ୍ଗିତ ଅନ୍ତର୍ଗତ ଏହି ନିଷ୍ପତ୍ତି କଲେ କି ଖୈବର୍ ଆଡ଼କୁ ସୈନ୍ୟ ପ୍ରେରଣ କରାଯାଉ ।

ହଜରତ ମୁସଲେହ୍ ମଉଦର.ଅ ବର୍ଣ୍ଣନା କରନ୍ତି, ପ୍ରକୃତରେ ସୁଲ୍‌ହା ହୁଦେବିୟା ଏକ ବହୁତ ବଡ଼ ବିଜୟ ଥିଲା । ପବିତ୍ର କୁରଆନ ତାହାକୁ ଏକ ମହାନ ବିଜୟ ବୋଲି ଘୋଷିତ କରିଛି, ଯେପରିକି କୁହାଯାଇଛି; ଇନ୍ନା ଫତହ୍‌ନା ଲକା ଫତ୍‌ହମ୍ ମୁବିନା ଅର୍ଥାତ ସୁନିଶ୍ଚିତ ରୂପେ ଆମ୍ଭେ ତୁମକୁ ଏକ ସୁସ୍ପଷ୍ଟ ବିଜୟ ପ୍ରଦାନ କରିଅଛୁ ଏବଂ ଏହି ବିଜୟ ହିଁ ସେହି ଦ୍ୱାର ଥିଲା ଯାହା ଉପରାନ୍ତେ ମୁସଲମାନମାନଙ୍କୁ ଖୈବର୍ ଓ ମକ୍କା ଯେପରି ବୃହତ ବିଜୟ ଲାଭ ହେଲା । ବାସ୍ତବରେ ଅଲ୍ଲାଃତାଲା ସେତେବେଳେ ହିଁ ଖୈବର୍ ବିଜୟ ହେବାର ପ୍ରତିଶୃତି କରି ଦେଇଥିଲେ ଯେତେବେଳେ ସୁଲ୍‌ହା ହୁଦେବିୟାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ମକ୍କା ଓ ମଦିନା ମଧ୍ୟବର୍ତ୍ତୀ ଯାତ୍ରାରେ ସୁରାଃ ଫତ୍‌ହା ଅବତୀର୍ଣ୍ଣ ହୋଇଥିଲା । ହୁଜୁରସ.ଅ ଯେତେବେଳେ ଖୈବର୍ ଅଭିମୁଖେ ପ୍ରସ୍ଥାନ କରିବାକୁ ଘୋଷଣା କଲେ ସେତେବେଳେ କହିଲେ; ଏହି ଯାତ୍ରାରେ କେବଳ ସେହି ଲୋକମାନେ ଆମ ସହିତ ଯିବେ ଯେଉଁମାନେ ସୁଲ୍‌ହା ହୁଦେବିୟାରେ ସାମିଲ ଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ନବୀଶ୍ରେଷ୍ଠ କହିଲେ; ଯେଉଁ ବ୍ୟକ୍ତି ମାଲେ

ଗନିମତ୍ (ଧନସମ୍ପତ୍ତି) ଲାଳଷାରେ ବାହାରିଛି ସେ ଏହି ଅଭିଯାନରୁ ବିରତ ରହୁ, କେବଳ ସେହି ଲୋକମାନେ ମୋ ସହିତ ଚାଲନ୍ତୁ ଯେ ଜିହାଦ୍ କରିବାକୁ ଉତ୍ସୁକ ।

ଅଲ୍ଲାମା ଇବ୍‌ନେ ଇସହାକ୍ ଓ ଇବ୍‌ନେ ସଈଦ୍ ବର୍ଣ୍ଣନା କରନ୍ତି ଯେ, ସର୍ବପ୍ରଥମେ ଖୈବର୍ ଯୁଦ୍ଧରେ ବାନା (ପ୍ରଚଳନ ହେବାର) ଚର୍ଚ୍ଚା ମିଳୁଛି, ଏହା ପୂର୍ବରୁ କେବଳ ଛୋଟ ଧ୍ୱଜା ନେଇ ସେନାବାହିନୀ ବାହାରୁ ଥିଲେ । ହୁଜୁର ସ.ଅଙ୍କ ବାନାର ରଙ୍ଗ କଳା ବର୍ଣ୍ଣ ଥିଲା, ଯାହାକି ହଜରତ ଆଏଶା ର.ଅଙ୍କ ଚଦରରେ ପ୍ରସ୍ତୁତ ହୋଇଥିଲା । ତାହାର ନାମ **ଉକାବ୍** ଥିଲା, ବର୍ଣ୍ଣନାରେ ହଜରତ ଅଲୀ ର.ଅଙ୍କୁ ଏକ ବାନା ପ୍ରଦାନ କରାଯାଇଥିବାର ମଧ୍ୟ ଉଲ୍ଲେଖ ରହିଛି । କିନ୍ତୁ ଉକ୍ତ ବାନା (ତାଙ୍କୁ) ଖୈବର୍‌ରେ ପ୍ରଦାନ କରାଯାଇଥିଲା । ଏହି ଯାତ୍ରାରେ ମହାଭାଗଙ୍କ ସାଥିରେ ବିଶ୍ୱାସକାରୀଙ୍କ ମାତା ହଜରତ ଉମ୍ମେ ସଲ୍‌ମା ର.ଅ ରହିଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ସାତ ଜଣ ମହିଳା ସାହାବି ମଧ୍ୟ ହୁଜୁର ସ.ଅଙ୍କ ସହିତ ଥିଲେ, ଯେତେବେଳେ କି ଆଉ ଏକ ବର୍ଣ୍ଣନାନୁଯାୟୀ ୨୦ ଜଣ ମହିଳା ସାହାବି ସାମିଲ୍ ଥିବାର ଉଲ୍ଲେଖ ରହିଛି ।

ଖୈବର୍‌ର ୟହୁଦିମାନଙ୍କୁ ଯେତେବେଳେ ମୁସଲମାନ ସେନା ଆଗମନର ସୂଚନା ମିଳିଲା ସେତେବେଳେ ସେମାନେ ଏକ ଦଳ ଗଠନ କରି ନିଜ ଆଖପାଖର ଯୋଦ୍ଧା କବିଲାଗୁଡ଼ିକ ନିକଟକୁ ପ୍ରେରଣ କଲେ ଯେ, ସେମାନଙ୍କ ଠାରୁ ଦକ୍ଷ ଓ ବୀର ସୈନିକ ସାହାଯ୍ୟ କରିବା ନିମନ୍ତେ ନିବେଦନ (ବରାଦ) କରାଯାଉ । ମୁର୍‌ରା କବିଲା ନିଜ ଦୂରଦର୍ଶିତା ବଶତଃ ସେମାନଙ୍କର ସାହାଯ୍ୟ କରିବାକୁ ମନା କରିଦେଲେ । କିନ୍ତୁ ବନୁ ଅସଦ୍ ଓ ବନୁ ଗତ୍‌ଫାନ୍ ଯେପରି ଯୁଦ୍ଧ ପ୍ରବିଣ ଓ ଅସ୍ତ୍ରଶସ୍ତ୍ର ସହିତ ନିଜ ସୈନିକ ପ୍ରେରଣ କରିବାକୁ ରାଜି ହୋଇଗଲେ ।

ମହାମହିମ ହୁଜୁର ଅନଓ୍ୱର ଅ.ବ କହିଲେ; ଏହାର ଅତିରିକ୍ତ ବ୍ୟାଖ୍ୟା ବାକି ରହିଛି ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ଖୁତ୍‌ବା ସାନିୟା ପୂର୍ବରୁ ମହାମାନ୍ୟ ହୁଜୁର ଅନଓ୍ୱର ଅ.ବ ତିନିଜଣ ମୃତକ ଶ୍ରୀମାନ ମୁହମ୍ମଦ ଅଶରଫ୍ ସାହେବ ପିତା ଶ୍ରୀମାନ ମୁହମ୍ମଦ ବଖ୍‌ଶ ସାହେବ ମଣ୍ଡି ବାହାଉଦ୍ଦିନ୍ ନିବାସୀ, ଶ୍ରୀମାନ ହବିବ୍ ମୁହମ୍ମଦ ଶାତ୍‌ରୀ ସାହେବ ଅତିରିକ୍ତ ଅମିର୍ କାନାଡ଼ା ପିତା ଶ୍ରୀମାନ ମୁହମ୍ମଦ ହବିବ୍ ଶାତ୍‌ରୀ ସାହେବ ଏବଂ ଶ୍ରୀମାନ ଅନୁବି ମଦିଙ୍ଗୋ ସାହେବ ଜିମ୍ବାବୋଇଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କର ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ମହାମହିମ ହୁଜୁର ଅନଓ୍ୱର ଅ.ବ ସମସ୍ତ ମୃତକମାନଙ୍କର କ୍ଷମା ପ୍ରାର୍ଥନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

31th January 2025

*Translated to Odia by :* Moulavi Anwar Ahmad Khan